### ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଅନୁଗୋଳ ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ଅନୁଗୋଳ,୨୨।୪(ସମିସ):



ରାଜ୍ୟ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଦୁଇଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରଥମ ଦିନରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପର କ୍ଷେତ୍ର ପରଦର୍ଶନ ସହ ସମୀକ୍ଷା କରିଛନ୍ତି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ପାନୀୟ ଜଳ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟର ତଦାରଖ କରିଛନ୍ତି। ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତର ସଚିବଙ୍କ ଗସ୍ତ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପୂର୍ବାହ୍ନରେ ବଣ୍ଡରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କର୍ମଚାରୀଙ୍କ ରହିବା ପାଇଁ ନୂତନ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଗୋତମରାସ୍ଥିତ ମେଗା ଲିଫ୍ଟ ପ୍ରକଳ୍ପର 'ଇନଟେକ୍ ୱେଲ୍' କାର୍ଯ୍ୟର ସମୀକ୍ଷା କରି ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦ୍ୱିପ୍ରହର ସମୟରେ କାର୍ଯ୍ୟ ବନ୍ଦ ରଖିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବଣ୍ଡରପାଳ ସେବାଶ୍ରମ ଏବଂ ହଷ୍ଟେଲ ପରିଦର୍ଶନ କରି ସେଠାକାର ପରିମଳ ବ୍ୟବସ୍ଥା ଓ ଜିଲ୍ଲା ଖଣିଜ ପାଣ୍ଠିରେ ପ୍ରଦାନ କରାଯାଉଥିବା ଖାଦ୍ୟ ଯୋଜନାର ପ୍ରଶଂସା କରିଛନ୍ତି। ଆଲୁମିନିୟମ ପାର୍କ ପରିଦର୍ଶନ କରି ଧାତୁ ଫାବେକ୍ସ ପ୍ରାଇଭେଟ ଲିମିଟେଡ୍‌ର ଉତ୍ପାଦନ ଓ ବଜାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କୁଲାଡ଼ରେ ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ପରିଦର୍ଶନ କରି ଖେଳପଡ଼ିଆର ଉନ୍ନତୀକରଣ ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର'ର କାର୍ଯ୍ୟ ଶୀଘ୍ର ଶେଷ କରି ମେଡିକାଲ ଅଫିସରଙ୍କୁ ସେଠାରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୁରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ 'ସୁଭଦ୍ରା' ଯୋଜନା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ହିଡସିଂହ ଏବଂ ମାଙ୍କଡ଼ା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିବା ସହ ଜିଲ୍ଲାର ଜଳକ୍ଲିଷ୍ଟ ଅଞ୍ଚଳରେ ତୁରନ୍ତ ଭୂତଳ ଜଳ ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ଏବଂ ବିଦ୍ୟୁତ ସଂଯୋଗ ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବଣ୍ଡରପାଳ ଅନ୍ୱେଷା ହଷ୍ଟେଲରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ଉପସ୍ଥିତ ଟିପିସିଓଡିଏଲ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମଦନ ମୋହନ ପ୍ରଧାନ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଡେରଙ୍ଗରେ ଚନ୍ଦନ ଯାତ୍ରା ଆରମ୍ଭ



କଣିହାଁ,୨୨।୪(ସମିସ): କଣିହାଁ ବ୍ଲକ ଡେରଙ୍ଗ ଗ୍ରାମରେ ଚନ୍ଦନ ଯାତ୍ରା ମହୋତ୍ସବ ଅବସରରେ ରାଧାକୃଷ୍ଣଙ୍କ ଚାପଖେଳ ସୋମବାରଠାରୁ ଆରମ୍ଭ ହୋଇଛି। ଗ୍ରାମ ଶିବ ମନ୍ଦିର ନିକଟ ବଡ଼ ପୋଖରୀରେ ଚାପଖେଳ ଆୟୋଜିତ ହେଉଛି। ପଣ୍ଡିତ ଗୁଲେଖ ଦାଶ ଓ ବୁଦ୍ଧଦେବ ଦାଶଙ୍କ ଦ୍ୱାରା ପୂଜାର୍ଚ୍ଚନା ସମ୍ପନ୍ନ ପରେ ପ୍ରଭୁଙ୍କ ଜଳକ୍ରୀଡ଼ା ଆରମ୍ଭ ହୋଇଥିଲା। ଶତାଧିକ ଭକ୍ତ ଓ ଗ୍ରାମବାସୀ ଉତ୍ସବରେ ସାମିଲ ହୋଇଥିଲେ। ଓଡ଼ିଶୀ ନାମସଂକୀର୍ତ୍ତନ, ଘଣ୍ଟ-ଶଙ୍ଖ ଓ ହୁଳହୁଳି ବାଦ୍ୟରେ ନଗର ସଂକୀର୍ତ୍ତନ କରାଯାଇଥିଲା।

ମଙ୍ଗଳବାର ଦ୍ୱିତୀୟ ଦିନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଚାପ ଖେଳିଥିଲେ। ଏହି ଚାପଖେଳ ୫ ଦିନ ଚାଲିବ। ଗ୍ରାମରେ ଭକ୍ତିମୟ ପରିବେଶ ମଧ୍ୟରେ ପ୍ରତ୍ୟେକ ଘର ସାମ୍ନାରେ ଠାକୁରଙ୍କୁ ବନ୍ଦାପନା କରାଯାଉଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ଏହି ଚାପଖେଳ ଆସନ୍ତା ସପ୍ତମୀ ତିଥି ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ଚନ୍ଦନ ଯାତ୍ରା ମହୋତ୍ସବ ୨୩ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ସୁସଜିତ ବିମାନରେ ବସି ରାଧାକୃଷ୍ଣ ଠାକୁର ବଡ଼ ପୋଖରୀରେ ସାତ ବେର ଚାପ ଖେଳିବା ପରେ ନଗର ପରିକ୍ରମା କରିବେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ପ୍ରଶ୍ନ ନାୟକ, ସମ୍ପାଦକ ସୁଜିତ ସାହୁ, କୋଷାଧ୍ୟକ୍ଷ ଦୀପକ ବେହେରା, ବିଚ୍ଛନ୍ଦ ଚରଣ ସାହୁ, କନ୍ଦର୍ପ ବେହେରା, କାଳନ୍ଦୀ ଦାଶ, ମହାର୍ଗ ବେହେରା, ମୂଳିଆ ସାହୁ, ନିରଞ୍ଜନ ସାହୁ, ପ୍ରଦୀପ ବେହେରା, ଡିଲେଶ୍ୱର ସାହୁ, ସନ୍ତୋଷ ସାହୁ, ସୁଧାକାର ବେହେରା, ବିଦ୍ୟାଧର ସାହୁ, ଗଣେଶ୍ୱର ବେହେରା ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଜଳସେଚିତ ଜମିରେ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ

କିଶୋରନଗର,୨୨।୪(ସମିସ): ଜଳସେଚିତ ଚାଷଜମିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ଜୀବନଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ସ୍ୱାଧୀନତାର ୭୮ ବର୍ଷ ପରେ ବି ନଈନାଳ ଭରା ଓଡ଼ିଶା ରାଜ୍ୟରେ ସମସ୍ତ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇ ପାରିଲାନାହିଁ। ଯେଉଁ ସ୍ୱଳ୍ପ ପରିମାଣର ଜଳସେଚିତ ଚାଷଜମି ରହିଛି, ତାହାକୁ ଶିଳ୍ପ ପ୍ରତିଷ୍ଠା ପାଇଁ ହସ୍ତାନ୍ତର କରାଗଲେ ବହୁ କୃଷିଜୀବୀ ନିଜ ଜୀବିକା ହରାଇବା ସହ ଗୁରୁତର ଖାଦ୍ୟ ସଙ୍କଟ ଦେଖାଦେବ। ରାଜ୍ୟରେ ବହୁ ଅନୁର୍ବର, ପତିତ ଜମି ଥିବା ବେଳେ ଶିଳ୍ପପତିଙ୍କ ଲାଭ ପାଇଁ ସରକାର ଜଳସେଚିତ ଚାଷଜମି ଶିଳ୍ପ ପ୍ରତିଷ୍ଠା ପାଇଁ ହସ୍ତାନ୍ତର ନିଷ୍ପତ୍ତି ସମ୍ପୂର୍ଣ୍ଣ ଜନସ୍ୱାର୍ଥ ବିରୋଧୀ ବୋଲି ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ କୁହାଯାଇଛି। କୃଷି ବହୁଳ କିଶୋରନଗର ଅଞ୍ଚଳର ଚାଷଜମିକୁ ଜଳସେଚନ ପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଦୀର୍ଘ ବର୍ଷ ଧରି ଦାବି ସତ୍ତ୍ୱେ ସରକାର କାର୍ଯ୍ୟକାରୀ କରୁନାହାନ୍ତି। ଶିଳ୍ପ ପ୍ରତିଷ୍ଠା ପାଇଁ ଯେତିକି ଜଳସେଚିତ ଚାଷଜମି ଅଧିଗ୍ରହଣ ହେବ, ସେତିକି ଅଣ ଜଳସେଚିତ ଚାଷଜମିକୁ ଜଳସେଚନ ପାଇଁ ଶିଳ୍ପସଂସ୍ଥା ପାଣି ପ୍ରଦାନ କରିବା ଧର୍ମକୁ ଆଖିଠାର ସଦୃଶ ବୋଲି କମିଟି ପକ୍ଷରୁ କୁହାଯାଇଛି। କେବଳ ଜଳସେଚିତ ଚାଷଜମି ନୁହେଁ, ଉର୍ବର ଚାଷ ଜମି ଓ ପ୍ରାକୃତିକ ଜଙ୍ଗଲ ଜମିରେ ଶିଳ୍ପ ପ୍ରତିଷ୍ଠାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଜୀବନଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ସଭାପତି ଦୀନବନ୍ଧୁ ପ୍ରଧାନ, ସାଂଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ସାହୁ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଡିଏଭି ପବ୍ଲିକ ସ୍କୁଲ ଛାତ୍ରଙ୍କ ସଫଳତା

ତାଳଚେର,୨୨।୪(ସମିସ): ଡିଏଭି ପବ୍ଲିକ ସ୍କୁଲ ତାଳଚେର






ଥର୍ମାଲ୍‌ର ୫ ଛାତ୍ର ଜେଇଇ ମେନ୍ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଜେଇଇ ଆଡଭାନ୍ସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜୟଦୀପ ମହାପାତ୍ର ୯୯.୬୫, ଗୌରୀଶଙ୍କର ମିଶ୍ର ୯୭.୮୫, ଶ୍ରୀଧର ଶେଖର ପାତ୍ର ୯୫.୭, ଅଭିନବ ଦାଶ ୯୫.୦୯ ଓ ଆୟୁଷ୍ମାନ ପଟ୍ଟନାୟକ ୮୫.୭୪ ପର୍ସେଣ୍ଟାଇଲ୍ ରଖି କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର କାନୁନଗୋ କୃତୀ ଛାତ୍ରମାନଙ୍କୁ ଆଗାମୀ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ପ୍ରେରିତ କରିଛନ୍ତି। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି।

## ଓଏଚପିସିର ୩୧ତମ ପ୍ରତିଷ୍ଠା ଦିବସ ପାଳିତ

କଣିହାଁ,୨୨।୪(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚପିସି ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଓଏଚପିସିର ଅବସରପ୍ରାପ୍ତ ନିର୍ଦ୍ଦେଶକ (ଅପରେସନ) ଜଗନ୍ନାଥ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ରେଙ୍ଗାଳି ୟୁନିଟର ବରିଷ୍ଠ ସାଧାରଣ ପରିଚାଳକ ସରୋଜ କୁମାର ବହିଦାର ସଭାପତିତ୍ୱ କରି ରେଙ୍ଗାଳି ୟୁନିଟ ରାଜ୍ୟରେ ଶ୍ରେଷ୍ଠ ପୁରସ୍କାର ପାଇଥିବାରୁ ଏହା ସମସ୍ତଙ୍କର ଶ୍ରେୟ ବୋଲି




କହିଥିଲେ। ଚଳିତ ବର୍ଷ ରେଙ୍ଗାଳି ୟୁନିଟ ରେକର୍ଡ ୧୦୦୩ ମିଲିୟନ ୟୁନିଟ ବିଦ୍ୟୁତ୍ ଉତ୍ପାଦନ କରିବା ସହ ୧୦୩ କୋଟି ଟଙ୍କା ଲାଭ କରିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ନିର୍ଦ୍ଦେଶକ (ଅପରେସନ) ମନୋରଞ୍ଜନ ମିଶ୍ର, ରେଙ୍ଗାଳି ୟୁନିଟର ପୂର୍ବତନ ୟୁନିଟ ମୁଖ୍ୟ ରଞ୍ଜନ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ସମସ୍ତ ଯନ୍ତ୍ରୀ, ଶ୍ରମିକ କର୍ମଚାରୀ ଏକଜୁଟ ହୋଇ ଏକାଗ୍ରତାର ସହ କାର୍ଯ୍ୟ କଲେ ସଫଳତା ମିଳିପାରିବ ବୋଲି କହିଥିଲେ। ଇଂ. ଶ୍ୱେତା ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ କେକ୍ କଟାଯାଇଥିଲା। ଓଏଚପିସି ରେଙ୍ଗାଳି ପାୱାର ପ୍ରୋଜେକ୍ଟ ୱାର୍କର୍ସ ୟୁନିୟନ୍ ସଭାପତି ଧ୍ରୁବଚରଣ ଧିର ଓ ଓଏଚପିସି ଏମ୍ପ୍ଲୋଇଜ ୟୁନିଅନ ସଭାପତି ପ୍ରମୋଦ ବେହେରାଙ୍କୁ ମୁଖ୍ୟଅତିଥି ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମାନବ ସମ୍ବଳ ଅଧିକାରୀ ଆଶିଷ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ କର୍ମଚାରୀ ଓ ସେମାନଙ୍କ ପରିବାର ପକ୍ଷରୁ ବିଭିନ୍ନ ଧାରି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବିଶ୍ୱ ଧରିତ୍ରୀ ଦିବସ ପାଳିତ
## 'ସରଳ ଜୀବନଯାପନ ଦ୍ୱାରା ସୁସ୍ଥ ପରିବେଶ ସମ୍ଭବ'

**ଅନୁଗୋଳ,୨୨।୪(ସମିସ):** ବିଶ୍ୱବ୍ରହ୍ମାଣ୍ଡର ଏକମାତ୍ର ଜୀବସତ୍ତାଧାରୀ ଗ୍ରହ ପୃଥିବୀ ବର୍ତ୍ତମାନ ଜର୍ଜରିତ। ମଣିଷ ସମାଜ ନିଜ ସ୍ୱାର୍ଥ ଓ ଆତ୍ମବଡ଼ିମା ପାଇଁ ଧରିତ୍ରୀ ମାଆ ଉପରେ ଯେଉଁ ଚାପ ସୃଷ୍ଟି କରି ଚାଲିଛି, ତାହାର ପରିଣାମ ହେଉଛି ଗମ୍ଭୀର ରୂପ ଧାରଣ କରୁଥିବା ଆଜିର ଜଳବାୟୁ ପରିବର୍ତ୍ତନ ବା ଜଳବାୟୁ ସମସ୍ୟା ବୋଲି ବୁଧବାର ବିଶ୍ୱ ଧରିତ୍ରୀ ଦିବସ ପାଳନ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଜଳବାୟୁ ପରିବର୍ତ୍ତନ ଓ ଅନ୍ୟାନ୍ୟ ପରିବେଶ ସମସ୍ୟା ପ୍ରସଙ୍ଗରେ ଆଜିର ଛାତ୍ରଛାତ୍ରୀଙ୍କ ମନରେ ଗମ୍ଭୀର ଭାବନା ଓ ସଚେତନତା ଜାଗ୍ରତ କରିବା ପାଇଁ ବଣ୍ଡରପାଳ ବ୍ଲକ ଫୁଲପଡ଼ାସ୍ଥିତ ଆବାସିକ ବିଦ୍ୟାଳୟ ପ୍ରଜ୍ଞାଜାଗୃତି ଶିକ୍ଷା ନିକେତନ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ ତ୍ରିପାଠୀ, ପ୍ରଧାନ ଆଚାର୍ଯ୍ୟା ସଂଘମିତ୍ରା ଗଡ଼ନାୟକ ଏବଂ ସହକାରୀ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ପ୍ରଜ୍ଞାଜାଗୃତି ଆବାସିକ ଗୃହର ଛାତ୍ରଛାତ୍ରୀଙ୍କୁ ଜଳବାୟୁ ପରିବର୍ତ୍ତନ, ଏହାରର କାରଣ, ବର୍ତ୍ତମାନ ସମୟର ବିଭିନ୍ନ ପରିବେଶ ସଙ୍କଟ, ପରିବେଶ ସଙ୍କଟର ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ ଏବଂ



ଦୈନନ୍ଦିନ ଜୀବନରେ ପରିବେଶ ଉପଯୋଗୀ ସରଳ ଜୀବନଯାପନ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷାଦିନରେ ନିଜ ଘରବାଡ଼ିରେ ଚାରାରୋପଣ, ବର୍ଷସାରା ବୃକ୍ଷର ଯତ୍ନ, ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଭଳି ଅନେକ ପରିବେଶଧର୍ମୀ କାର୍ଯ୍ୟ ଆପଣେଇବାକୁ ଛାତ୍ରଛାତ୍ରୀ ସମେତ ସମସ୍ତ ଅଂଶଗ୍ରହଣକାରୀ ଆଗ୍ରହ ପ୍ରକାଶ କରିଥିଲେ।

## ଉତ୍କର୍ଷ ପରିବାର ପକ୍ଷରୁ 'ଧରିତ୍ରୀ ଦିବସ' ପାଳିତ



**ଅନୁଗୋଳ,୨୨।୪(ସମିସ):** ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବୁଧବାର ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଓ ସାମାଜିକ ଅନୁଷ୍ଠାନ ଉତ୍କର୍ଷ ପରିବାର ଆନୁକୂଲ୍ୟରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଧରିତ୍ରୀର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଗୌରୀଶଙ୍କର ଯୋଗପ୍ରକାଶ ଜେନା, ମେରା ଯୁବା ଭାରତ ସଂଯୋଜକ ତପନ କୁମାର ସାମଲ, ଉତ୍କର୍ଷ ପରିବାର ସଭାପତି ଭୀଷ୍ମ ସାହୁ, ସମ୍ପାଦକ ହୋମଦ୍ୟୁତି ବେହେରା ଏବଂ ଯୁବ ସମାଜସେବୀ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ଉପରେ ଆଲୋକପାତ କରିଥିଲେ।

ଅତିଥିମାନେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବୃକ୍ଷରୋପଣ ଓ ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଦସ୍ୟ ରାଜୀବ ଲୋଚନ ଗଡ଼ନାୟକ ଓ ଅଭିଜିତ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ବିଭାଗୀୟ ଛାତ୍ରଛାତ୍ରୀ ଓ ଉତ୍କର୍ଷ ପରିବାର ସଦସ୍ୟଙ୍କ ଦ୍ୱାରା ଧରିତ୍ରୀକୁ ସବୁଜ ସୁନ୍ଦର କରି ଗଢ଼ିତୋଳିବା ପାଇଁ ସଙ୍କଳ୍ପ ନିଆଯାଇଥିଲା।

## ସୂର୍ଯ୍ୟା ଇକୋ ରିସୋର୍ଟକୁ ଦେଓମାଳିରେ ପର୍ଯ୍ୟଟନ ପାଇଁ ସିଙ୍ଗଲ ୱିଣ୍ଡୋ ଅନୁମତି

**ଅନୁଗୋଳ,୨୨।୪(ସମିସ):** ଅନୁଗୋଳ ଜିଲ୍ଲାର ଅଗ୍ରଣୀ ହୋଟେଲ, ତାଳଚେରସ୍ଥିତ ସୂର୍ଯ୍ୟା ଗାର୍ଡେନର ସତ୍ତ୍ୱାଧିକାରରେ ଥିବା ସୂର୍ଯ୍ୟା ଇକୋ ରିସୋର୍ଟକୁ ଓଡ଼ିଶାର ଉଚ୍ଚତମ ପାର୍ବତ୍ୟାଞ୍ଚଳ ଦେଓମାଳିଠାରେ ପର୍ଯ୍ୟଟନ ଶିଳ୍ପ ଅନ୍ତର୍ଗତ ଏକ ତାରକା ବିଶିଷ୍ଟ ରିସୋର୍ଟ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ସିଙ୍ଗଲ ୱିଣ୍ଡୋ ଅନୁମତି ମିଳିଛି। କୋରାପୁଟ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ମୁଖ୍ୟତଃ ଦେଓମାଳି ପର୍ବତମାଳା ସମୁଦ୍ର ପତ୍ତନଠାରୁ ୧୬୭୨ ମିଟର ଉଚ୍ଚରେ ଅବସ୍ଥିତ। ବିଗତ କିଛିବର୍ଷ ହେଲା କୋରାପୁଟ ଜିଲ୍ଲା ତଥା ଦେଓମାଳିକୁ ଦେଶବିଦେଶରୁ ଅନେକ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ଏକ ସୂତ୍ରର ଆଧାର ଅନୁଯାୟୀ ଓଡ଼ିଶାର ପୁରୀ ପରେ କୋରାପୁଟ ଜିଲ୍ଲାକୁ ଅଧିକ ପର୍ଯ୍ୟଟକ ଆସିଛନ୍ତି। କିଛିଦିନ



ତଳେ କିଛି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ତାରକାଙ୍କୁ ନେଇ ଏଠାରେ ଚଳଚ୍ଚିତ୍ର ମଧ୍ୟ ସୁଟିଂ ହୋଇଛି। ତେବେ ଏଠାରେ ଓଡ଼ିଶା ପର୍ଯ୍ୟଟନ ବିଭାଗର ଇକୋ କଟେଜ ଓ କିଛି ହାତଗଣତି ଘରୋଇ ହୋଟେଲ ବ୍ୟତୀତ ପର୍ଯ୍ୟଟକଙ୍କ ରହଣି ନିମନ୍ତେ ବିଶେଷ ସୁବିଧା ନ ଥିବା ବେଳେ ସୂର୍ଯ୍ୟା ଇକୋ ରିସୋର୍ଟକୁ ମିଳିଥିବା ଏହି ଅନୁମତି ରାଜ୍ୟ ପର୍ଯ୍ୟଟନ ଶିଳ୍ପ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିରେ ୮୦ କୋଟି ଟଙ୍କା ନିବେଶ କରାଯିବାକୁ ଯୋଜନା ଥିବା ବେଳେ ୧୬୫ ଜଣ ବ୍ୟକ୍ତି ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ଓ ଅନେକ ଲୋକ ପରୋକ୍ଷ ଭାବେ ମଧ୍ୟ ରୋଜଗାରକ୍ଷମ ହେବେ। ଯାହା କି ସ୍ଥାନୀୟ ଅଞ୍ଚଳର ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ସୂର୍ଯ୍ୟା ଇକୋ ରିସୋର୍ଟର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ଦ୍ଦେଶକ ବିଶ୍ୱଜିତ୍ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୂର୍ଯ୍ୟା ଇକୋ ରିସୋର୍ଟ ଗତ ଆର୍ଥିକ ବର୍ଷରେ ସମାନ ଆକାରର ଏକ ରିସୋର୍ଟ ପାଇଁ ଅନୁଗୋଳ ଜିଲ୍ଲା ପୁରୁଣାଗଡ଼ ନିକଟ ଶରଧାପୁର ପଞ୍ଚାୟତ ଗୁରୁଧି ଗ୍ରାମରେ ପର୍ଯ୍ୟଟନ ଶିଳ୍ପ ଅନ୍ତର୍ଗତ ଏକ ରିସୋର୍ଟ ପାଇଁ ଓଡ଼ିଶା ସରକାରଙ୍କଠାରୁ ସିଙ୍ଗଲ ୱିଣ୍ଡୋ ଅନୁମତି ପାଇଥିଲା ଏବଂ ଏହାର କାର୍ଯ୍ୟ ଚାଲୁ ରହିଛି।

## ମା' ବିମଳା ଓ ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା, କଳସ ଯାତ୍ରା



କିଶୋରନଗର,୨୨।୪(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବୁଧବାର ମା' ବିମଳା ଓ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମରେ ଏକ ଭବ୍ୟ କଳସ ଯାତ୍ରା ଆୟୋଜିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ଶଙ୍ଖନାଦ, ମନ୍ତ୍ରୋଚ୍ଚାରଣ ଓ ଭଜନ-କୀର୍ତ୍ତନରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ଶୋଭାଯାତ୍ରା ଗ୍ରାମର ମୁଖ୍ୟ ରାସ୍ତା ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିବା ପରେ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ କଳସ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୁରୋଧା ପଣ୍ଡିତ ଅଶୋକ ମିଶ୍ର, ରିଙ୍କୁଲାଲ ମିଶ୍ର, ପ୍ରଶାନ୍ତ ମହାପାତ୍ର, ରୁଦ୍ରମୋହନ ମିଶ୍ର ଓ ନିର୍ମଳ ମିଶ୍ର ଏହି ଧାର୍ମିକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। କର୍ତ୍ତା ଭାବେ ବିଶ୍ୱରଞ୍ଜନ ଦେଓ ଓ ଭନ୍ତାଚାରୁ ଦେଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ମନ୍ଦିର ପରିଚାଳନା କମିଟି ସଦସ୍ୟ ଶତ୍ରୁଘ୍ନ ସାହୁ, ସନ୍ତୋଷ କୁମାର ସାହୁ, ବସନ୍ତ କୁମାର ସାହୁ, ସୂରିଆ ସାହୁ, ସୁଜିତ୍ କୁମାର ଦେହୁରୀ, ମନୋଜ କୁମାର ରାଉତ, ଅଶ୍ୱିନୀ କୁମାର ଖୁଣ୍ଟିଆ, ଲିଟୁ ରାଉତ ଓ ସତ୍ୟବ୍ରତ ସେନାପତି ପ୍ରମୁଖ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଠାକୁରଗଡ଼ ଥାନା ଅଧିକାରୀ ଶଶିଭୂଷଣ ବେହେରା, ମନୋଜ କୁମାର ବେହେରା, କେଶବ ସାହୁ, ଯଶୋବନ୍ତ ନାୟକ ଓ ହାବିଲଦାର ଦେବେନ୍ଦ୍ର କୁମାର ସାହୁ ଉପସ୍ଥିତ ଅଛନ୍ତି।

## ଡିଏଭି, ଏନ୍‌ଟିପିସିର ସ୍ଥାପନା ଦିବସ ଓ ଧରିତ୍ରୀ ଦିବସ ପାଳିତ



**ଅନୁଗୋଳ,୨୨।୪(ସମିସ):** ଡିଏଭି, ଏନ୍‌ଟିପିସି, କଣିହାଁ ପରିସରରେ ବିଦ୍ୟାଳୟର ସ୍ଥାପନା ଦିବସ ଓ ଧରିତ୍ରୀ ଦିବସ ପାଳିତ ହୋଇଛି। ଏନ୍‌ଟିପିସିର ଇଡି କେ. ନରସିଂହ ରେଡ୍ଡୀ, ଏଚ୍‌ଓଏଚ୍‌ଆର୍ ନବନୀତ କୁମାର, ଏଜିଏମ୍ ଏଚ୍‌ଆର୍ ପଙ୍କଜ ଚୌଧୁରୀ, ଡିଜିଏମ୍ ଆମ୍ବିଲି ପିଏମ୍, ସିନିୟର ମ୍ୟାନେଜର (ସିଭିଲ ବିଭାଗ) ନେକଲ୍ଲା ରାମସତ୍ୟମ୍ମ, ସିନିୟର ମ୍ୟାନେଜର (ବିଦ୍ୟୁତ ବିଭାଗ) ସୌମ୍ୟରଞ୍ଜନ ଚୌଧୁରୀ, ଏଚ୍‌ଆର୍ ରାମଅବତାର ବନଜାରା, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ କ୍ରୀଷନ୍ କୁମାର ଓ ମମତାଞ୍ଜଳି ହୋତା ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତାଙ୍କ ତତ୍ତ୍ୱାବଧାନ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ବିଦ୍ୟାଳୟର ୧୧ତମ



ସ୍ଥାପନା ଦିବସରେ ପୂର୍ବରୁ ରୋପଣ ହୋଇଥିବା ବୃକ୍ଷଗୁଡ଼ିକର ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଦୁଇଟି ଲେଖାଏଁ ନାଗେଶ୍ୱର ଚମ୍ପା ଓ ରୁଦ୍ରାକ୍ଷ ଚାରା ରୋପଣ କରାଗଲା। ଏଥିସହ ସଞ୍ଜୀବନୀ ଉଦ୍ୟାନ ଲୋକାର୍ପଣ କରଯାଇଥିଲା।

# ଅନୁଗୋଳ ଜିଲ୍ଲାରେ ସକ୍ଷମ ମୂଲ୍ୟାଙ୍କନ ସମ୍ପନ୍ନ

ଅନୁଗୋଳ,୨୨।୪(ସମିସ):



ସକ୍ଷମ ମୂଲ୍ୟାଙ୍କନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଥମ ଅଭିଭାବକ-ଶିକ୍ଷକ ବୈଠକ ଆୟୋଜିତ ହୋଇଛି। ବୈଠକରେ ପ୍ରଥମଥର ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ଆଧାରିତ ସ୍କୁଲ ସ୍ତରର ରିପୋର୍ଟ କାର୍ଡ ଅଭିଭାବକଙ୍କୁ ବଣ୍ଟାଯାଇଛି। ଏହି ପଦକ୍ଷେପ ଅନୁଗୋଳ ଜିଲ୍ଲାର ସମସ୍ତ ୮ଟି ବ୍ଲକରେ କାର୍ଯ୍ୟକରୀ କରାଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ୧୩୬୨ ସରକାରୀ ତଥା ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୫ମ ଓ ୮ମ ଶ୍ରେଣୀରେ ପଢୁଥିବା ପ୍ରାୟ ୩୦,୦୦୦ ଛାତ୍ରଛାତ୍ରୀଙ୍କ ଅଭିଭାବକ ଯୋଗଦେଇଥିଲେ। ପ୍ରକାଶଯୋଗ୍ୟ, ଏହି ସକ୍ଷମ ମୂଲ୍ୟାଙ୍କନ ଏକ ଦକ୍ଷତା ଆଧାରିତ ଛାତ୍ରଛାତ୍ରୀଙ୍କ ମୂଲ୍ୟାଙ୍କନ ପ୍ରଣାଳୀ, ଯାହାର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନେ ନିଜ ଶ୍ରେଣୀ ଅନୁଯାୟୀ ଆବଶ୍ୟକ ମୂଳ ଧାରଣାଗୁଡ଼ିକ ବାବଦରେ କେତେଦୂର ଅବଗତ ଅଛନ୍ତି ସେ ସମ୍ପର୍କରେ ଅବଗତ ହେବା ଓ ତଦନୁଯାୟୀ ଛାତ୍ରଛାତ୍ର, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବୈଷୟିକ ପରାମର୍ଶ ଓ ତାଲିମ ଯୋଗାଇଦେବା। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅଭିଭାବକମାନଙ୍କୁ ସରଳ ଏବଂ ସହଜରେ ବୁଝିପାରିବା ଭଳି ରିପୋର୍ଟ କାର୍ଡ ଯୋଗାଇ ଦିଆଯାଇଥିଲା। ଯାହା ମାଧ୍ୟମରେ ସେମାନେ ନିଜ ସନ୍ତାନମାନଙ୍କ ପାରଦର୍ଶିତା ସ୍ୱଷ୍ଟ ଭାବେ ହୃଦବୋଧ କରିପାରିଥିଲେ। ଏହି ପଦକ୍ଷେପ ଜାତୀୟ ଶିକ୍ଷାନୀତି-୨୦୨୦ ସହ ସମନ୍ୱୟ ରଖି ଜିଲ୍ଲାରେ ପ୍ରଥମଥର ପାଇଁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପାରଦର୍ଶିତାକୁ ନିୟମିତ ନିରୀକ୍ଷଣ କରାଯାଇ ତଦନୁଯାୟୀ ବିଦ୍ୟାଳୟର ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଏହାର ମୂଳ ଲକ୍ଷ୍ୟ। ସବୁଠୁ ଅପହଞ୍ଚ ଗ୍ରାମୀଣ ଅଭିଭାବକମାନେ ମଧ୍ୟ ତାଙ୍କ ଶିଶୁର ବିଦ୍ୟାଳୟ କିପରି କାମ କରୁଛି ସେ ବିଷୟରେ ଅବଗତ ହୁଅନ୍ତୁ। "ସକ୍ଷମ' କାର୍ଯ୍ୟକ୍ରମ ଏହି ସୂଚନାକୁ ସରଳ ଓ ସହଜ ଭାବେ ଉପଲବ୍ଧ କରାଇବା ନିମନ୍ତେ ଏକ ପ୍ରଚେଷ୍ଟା। ଏହାଦ୍ୱାରା ଅଭିଭାବକମାନେ ବିଦ୍ୟାଳୟକୁ ଯାଇ ପ୍ରାସଙ୍ଗିକ ପ୍ରଶ୍ନ ପଚାରିପାରିବେ ଏବଂ ତାଙ୍କ ବିଦ୍ୟାଳୟ ନିମନ୍ତେ ମଧ୍ୟ ଗୁଣାତ୍ମକ ଶିକ୍ଷା ଦାବି କରିପାରିବେ। ଏହି ପଦକ୍ଷେପ ଗୁଣାତ୍ମକ ଶିକ୍ଷା ହାସଲ କ୍ଷେତ୍ରରେ ବିଦ୍ୟାଳୟ ସହିତ ସମ୍ପୃକ୍ତ ସମସ୍ତ କର୍ମକର୍ତ୍ତାଙ୍କ ଧ୍ୟାନକୁ ଆକାଶନ କରିବାରେ ସହାୟକ ହେବ। ଅପରପକ୍ଷରେ ଏହା ଦ୍ୱାରା ଆମ ଶିକ୍ଷା ବ୍ୟବସ୍ଥାରେ ଦାୟିତ୍ୱବୋଧ ଦ୍ୱିଗୁଣିତ ହେବ ବୋଲି ଜିଲ୍ଲାପାଳ ଅଖତର ସୂଚନା ଦେଇଛନ୍ତି। ଏହି ପ୍ରୟାସକୁ ସମର୍ଥନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତାଧର୍ମୀ ଚଳଚ୍ଚିତ୍ର ଏବଂ ସଂକ୍ଷିପ୍ତ ବ୍ୟାଖ୍ୟାତ୍ମକ ଭିଡିଓ ପ୍ରସ୍ତୁତ କରାଯାଇ ଅଭିଭାବକଙ୍କୁ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସମସ୍ତ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତ, ଅଭିଭାକମାନଙ୍କ ସହଯୋଗ କାମନା କରିଛନ୍ତି।

## ଇନରହ୍ୱିଲ କ୍ଲବର ପ୍ରତିଭା ସମ୍ମାନ ସମାରୋହ



ଢେଙ୍କାନାଳ,୨୨।୪(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ପ୍ରକୋଷ୍ଠରେ ଇନରହ୍ୱିଲ କ୍ଲବ, କପିଳାସ ତରଫରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଜିଲ୍ଲାର ୧୫୪ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସବ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ମଡର୍ଣ୍ଣ ଡ୍ୟାନ୍ସ ଓ ଗ୍ରୁପ୍ ଡ୍ୟାନ୍ସ ପ୍ରତିଯୋଗିତା ସହିତ ଗୃହିଣୀଙ୍କ ମଧ୍ୟରେ ଗୃହଲକ୍ଷ୍ମୀ କାର୍ଯ୍ୟକ୍ରମ ରଖାଯାଇଥିଲା। ୮ଟି ଦଳ ବିଭିନ୍ନ ଥିମ୍‌କୁ ନେଇ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସବୁଠୁ ଆକର୍ଷଣୀୟ ଥିଲା ଗୃହଲକ୍ଷ୍ମୀ ପ୍ରତିଯୋଗିତା। ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଇନରହ୍ୱିଲ କ୍ଲବ ୩୨୬ର ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ବଂଶୀଧର ମୁଳିଆ, ପିଡିସି ଚେୟାରମ୍ୟାନ ମଧୁମିତା ମହାନ୍ତି, ୨୦୨୭ ଡିଷ୍ଟ୍ରିକ୍ଟ ଆଇଏସଓ ମମତା ବାଜପେୟୀଙ୍କୁ ଉପଢୌକନ, ଉତ୍ତରୀୟ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଇନରହ୍ୱିଲ କ୍ଲବ କପିଳାସର ସଭାନେତ୍ରୀ ପ୍ରିୟତମା ମିଶ୍ର ଓ ସମ୍ପାଦିକା ଦୀପ୍ତିବାଳା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କ୍ଲବ ସଦସ୍ୟା ସୁନିତା ସାହୁ, ରଞ୍ଜିତା ବିଶ୍ୱାଳ, ସ୍ୱପ୍ନା ଆଚାର୍ଯ୍ୟ, ବିଶ୍ୱଭାରତୀ ରଥ, କୃଷିଦା ବେଗମ, ଅନ୍ନପୂର୍ଣ୍ଣା ବେହେରା, ପ୍ରଣତି ପଣ୍ଡା, ଇନ୍ଦିରା ଦେବତା, ପୁଷ୍ପାଞ୍ଜଳି ପଟ୍ଟନାୟକ, ଅଳକାବତୀ ସାମଲ, ପୁଷ୍ପରାଣୀ ମିଶ୍ର, ମମତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସିଦ୍ଧାର୍ଥ ଟିଭିର କୋରିଓଗ୍ରାଫର ବିଜୟ ସାମଲ ନୃତ୍ୟ ପ୍ରତିଯୋଗିତାର ବିଚାରକ ଥିବାବେଳେ ସଙ୍ଗୀତରେ ଲକ୍ଷ୍ମୀଧର ନାୟକ, ଶିବାନୀପ୍ରିୟା ନନ୍ଦ ଓ ଚିତ୍ରାଙ୍କନରେ ପ୍ରବୀର କୁମାର ମହାନ୍ତି ବିଚାରକ ରହିଥିଲେ। ଗ୍ରୁପ୍ ଡ୍ୟାନ୍ସର ବିଜୟୀ ଦଳଙ୍କୁ ମୁମେଣ୍ଟୋ ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୃହଲକ୍ଷ୍ମୀ କାର୍ଯ୍ୟକ୍ରମରେ ବର୍ମା ଅଳଙ୍କାର ତରଫରୁ ସ୍ୱର୍ଣ୍ଣ ଉପହାର ଦିଆଯାଇଥିଲା।

## ଅର୍ଥନୀତି ବିଭାଗରେ ବିଦାୟ ସମ୍ବର୍ଦ୍ଧନା



ଖଜୁରିଆକଟା,୨୨।୪(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ +୩ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ଶିଖା ଶିଅଳଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନରେ ଚରିତ୍ର ଗଠନ ପାଇଁ ଆତ୍ମଚେଷ୍ଟା ସର୍ବାଦୌ ଅବଲମ୍ବନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ନୀହାରିକା ବିଶ୍ୱାଳ, କିଶାନ ସେଠୀ, ସୁଇଟ ବେହେରା, ପବିତ୍ର ମୋହନ ଦେହୁରୀ, ସାଗରିକା ସାହୁ, ପ୍ରିୟଦର୍ଶିନୀ ଦେହୁରୀ, ସ୍ନେହାଶିଷ ପଟ୍ଟନାୟକ ଓ ସଂଗ୍ରାମ ବିଶ୍ୱାଳ ପ୍ରମୁଖ ସମ୍ବର୍ଦ୍ଧନା ସଭାର ମହତ୍ତ୍ୱ ସମ୍ପର୍କରେ ଅବତାରଣା କରିଥିଲେ। ବିଭାଗର ଅଧ୍ୟାପକ ହରମୋହନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟଗୀତ ପରିବେଷଣ କରିଥିଲେ।

## ପଞ୍ଚାୟତିରାଜ ଦିବସରେ ପୁରସ୍କୃତ ହେବ ହିନ୍ଦୋଳ ବ୍ଲକ

ଢେଙ୍କାନାଳ,୨୨।୪(ସମିସ): ୨୦୨୫-୨୬ ବର୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସମଗ୍ର ରାଜ୍ୟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଗାମୀ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ରେ ବଲାଙ୍ଗିରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ହିନ୍ଦୋଳ ବ୍ଲକ ପୁରସ୍କୃତ ହେବ। ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବାରୁ ହିନ୍ଦୋଳ ବ୍ଲକକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ହିନ୍ଦୋଳ ବିଡିଓଙ୍କୁ ଏଥି ନିମନ୍ତେ ବଲାଙ୍ଗିର ଯାତ୍ରା କରିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ଆସିଛି।

## ଶନିଶ୍ଚରଦେବଙ୍କ ୮ମ ବାର୍ଷିକ ଉତ୍ସବ ଉଦଯାପିତ

ଢେଙ୍କାନାଳ,୨୨।୪(ସମିସ): ସ୍ଥାନୀୟ ରାଧାକୃଷ୍ଣ ବଜାର, ଦୋଳମଣ୍ଡପ ସାହିରେ ଥିବା ଶ୍ରୀ ଶ୍ରୀ ଶନିଶ୍ଚର ଦେବଙ୍କ ମନ୍ଦିରର ୮ମ ବାର୍ଷିକ ଜନ୍ମୋତ୍ସବର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ବୁଧବାର ତୃତୀୟ ଦିବସରେ ଶନିଶ୍ଚରଙ୍କ ଯଜ୍ଞ ସହ ଚରୁ ଅନ୍ନରେ ପୂର୍ଣ୍ଣାହୁତି କରାଯାଇଥିଲା। ମଧ୍ୟାହ୍ନରେ ୮୦୦ରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦସେବନ କରିଥିଲେ। ଯଜ୍ଞ ପୂଜକ ପଣ୍ଡିତ ରୁଦ୍ରନାରାୟଣ କବିଶତପଥୀ, ମନ୍ଦିର ପୂଜକ ବିଭୂତି ଭାଇନା, କର୍ତ୍ତା ଶେଷଦେବ ରାଉତ ଓ ପ୍ରମିଳା ରାଉତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ବିନୋଦ କୁମାର ବେହେରା, ହିମାଳିନୀ ରାଉତ, ଚିତ୍ରରେଖା ରାଉତ, ଜୟନ୍ତୀ ଓଝା, ସରସ୍ୱତୀ ପାତ୍ର, ସ୍ମୃତିରଞ୍ଜନ ରାଉତ ପ୍ରମୁଖଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଜନଗଣନା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

କାମାକ୍ଷାନଗର,୨୨।୪(ସମିସ)





ସାରା ରାଜ୍ୟରେ ଜନଗଣନା କାର୍ଯ୍ୟ ଚାଲୁରହିଥିବା ବେଳେ କାମାକ୍ଷାନଗରରେ ଜନଗଣନା କରିବାକୁ ଯାଇଥିବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ୪ଜଣ ଜନଗଣନା କର୍ମଚାରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଅଛନ୍ତି। ଆହତ ଅଧିକାରୀମାନେ ହେଲେ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା, ସ୍ୱର୍ଣ୍ଣଲତା ସାହୁ ଓ ସତୀନ ବୀରେନ ବେହେରା। ବୁଧବାର ସକାଳେ କାମାକ୍ଷାନଗର ଏନଏସି ୩ ନମ୍ବର ୱାର୍ଡ ମହିମାନଗର ସାହିରେ ଘଟିଛି ଘଟଣା। ଜନଗଣନା କର୍ମଚାରୀଙ୍କୁ ମାଡ଼ ମାରିବା ସହ ଜଣେ ମହିଳା କର୍ମଚାରୀଙ୍କ ସ୍କୁଟି ମଧ୍ୟ ଭାଙ୍ଗିଦେଇଛନ୍ତି ଦୁର୍ବୃତ୍ତ। କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜନଗଣନା କରେଇ ଦେଲେନି ନିକୁଞ୍ଜ ଶତପଥୀ ଓ ତାଙ୍କ ଦୁଇ ପୁଅ। ଆକ୍ରମଣରରେ ମହିଳା କର୍ମଚାରଙ୍କ ମୁହଁରେ ଆଘାତ ଲାଗିବା ସହ ପଥର ଧରି ମାରିବାକୁ ଗୋଡ଼ାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଘଟଣାସ୍ଥଳରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ, ତହସିଲଦାର ଶୁଭଙ୍କର ମହାନ୍ତି, ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ଏନଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପ୍ରମୁଖ ପହଞ୍ଚିଥିବା ବେଳେ ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ନିକୁଞ୍ଜ ଓ ତାଙ୍କ ପରିବାର ଲୋକେ। ତେବେ ପୁଲିସ ଆକ୍ରମଣକାରୀଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

**● କାମାକ୍ଷାନଗର କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବ**

## ଉପହାର ସହ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



କାମାକ୍ଷାନଗର,୨୨।୪(ସମିସ): କାମାକ୍ଷାନଗର କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଆଜି ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ପାଇଁ ବିଦ୍ୟା ପ୍ରବେଶ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ କାମାକ୍ଷାନଗର କେନ୍ଦ୍ରିୟ ବିଦ୍ୟାଳୟ ପକ୍ଷରୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। କାମାକ୍ଷାନଗର ସ୍ଥିତ ସାରଙ୍ଗଧର ଷ୍ଟାଡିୟମ ପରିସରରେ ଥିବା ଅଡିଟୋରିୟମରେ ବିଦ୍ୟା ପ୍ରବେଶ ଉତ୍ସବର ଆୟୋଜନ କରାଯାଇଥିଲା। ପ୍ରତ୍ୟକ ବିଦ୍ୟାର୍ଥୀଙ୍କ ମଥାରେ ତିଳକ ଲଗାଇ, ଉପହାର ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ କେନ୍ଦ୍ରୀୟ ବିଦ୍ୟାଳୟ କାମାକ୍ଷାନଗରର ପ୍ରଧାନଶିକ୍ଷକ ପ୍ରହଲ୍ଲାଦ କୁମାର ମିଶ୍ର ଏବଂ ଶିକ୍ଷକ-ଶିକ୍ଷୟିତ୍ରୀ। ଏହି ଅବସରରେ ପ୍ରତ୍ୟକ ନବାଗତ ଛାତ୍ରଛାତ୍ରୀଙ୍କୁ ପେନସିଲ ସେଟ୍, ସ୍କେଲ, ଇରେଜର, ଚକୋଲେଟ୍ ଏବଂ ବେଲୁନ୍ ଉପହାର ଆକାରରେ ପ୍ରଦାନ କରାଯାଇଥିଲା। କୁନି କୁନି ପିଲାମାନେ ହାତରେ ବେଲୁନ ଏବଂ ଚକୋଲେଟ୍ ପାଇ ପ୍ରବେଶ ଉତ୍ସବକୁ ବେଶ୍ ଉପଭୋଗ କରିଥିଲେ। ପ୍ରବେଶ ଉତ୍ସବରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ମଧ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଏବଂ ଅଭିଭାବକ ସାମିଲ ହୋଇ ଖୁସି ପ୍ରକଟ କରିଛନ୍ତି। କାମାକ୍ଷାନଗର କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ପ୍ରିନ୍ସପାଲ ପ୍ରହଲ୍ଲାଦ କୁମାର ମିଶ୍ର ଏବଂ ଶିକ୍ଷକ ଭୋଳେଶ୍ୱର ବେହେରା, ରାକେଶ ରଞ୍ଜନ ପ୍ରଧାନ, ପ୍ରଦୀପ ବେହେରା, ଜ୍ଞାନ ରଞ୍ଜନ ସାହୁ, ଶିକ୍ଷୟିତ୍ରୀ ନିକିତା ପାତ୍ର ଏବଂ ପ୍ରଜ୍ଞା ପରମିତା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସାମୁହିକ ପ୍ରାର୍ଥନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଅଂଶ ଗ୍ରହଣ କରି ଖୁସି ପ୍ରକାଶ କରିଥିଲେ ନବାଗତ କୁନି କୁନି ଛାତ୍ରଛାତ୍ରୀ।

## ଗଁଦିଆ ବ୍ଲକରେ ଝାଞ୍ଜିରୁ ନିସ୍ତାର ମିଳୁନି

ଗଁଦିଆ,୨୨।୪(ସମିସ): ରାଜ୍ୟରେ ତାତି ବଢ଼ି ଚାଲିଛି। ଅସହ୍ୟ ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଥିବାବେଳେ ଏଥିରୁ ବାଦ ପଡ଼ିନି ଗଁଦିଆ ବ୍ଲକ। ବୁଧବାର ବ୍ଲକରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ସକାଳୁ ଅପରାହ୍ନ ଯାଏ ଲୋକେ ଝାଞ୍ଜିରେ ସନ୍ତୁଳି ହୋଇଥିଲେ। ଗଁଦିଆରେ ସକାଳୁ ସକାଳୁ ଆରମ୍ଭ ହୋଇଯାଉଛି ଖରାର ପ୍ରକୋପ। ପୂର୍ବାହ୍ନ ୧୦ଟା ପରେ ଗରମ ପବନ ପ୍ରବାହିତ ହେଉଛି। ଅପରାହ୍ନ ୪ଯାଏ ବଜାରଘାଟ ଶୂନଶାନ ହୋଇପଡୁଛି। ଗ୍ରୀଷ୍ମପ୍ରବାହ ମୁକାବିଲ ପଇଁ ପ୍ରଶାସନ ପକ୍ଷରୁ ବୈଠକ କରି ଜନସାଧାରଣଙ୍କୁ ସତର୍କ କରାଯାଉଛି। ତଥାପି ପ୍ରଶାସନ ପକ୍ଷରୁ ଆଜିପର୍ଯ୍ୟନ୍ତ ଜଳଛତ୍ର ଖୋଲିଲା ନାହିଁ। ପଥଚାରୀଙ୍କ ଲାଗି ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପାଣି ସୁବିଧା କରାଯାଇ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳି ଗ୍ରୀଷ୍ମପ୍ରବାହ ସମୟରେ ଲୋ-ଭୋଲଟେଜ ଏବଂ ବିଦ୍ୟୁଦକାଟ୍ ସମସ୍ୟା ଲୋକଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଦେଉଛି। ବାରମ୍ବାର ବିଦ୍ୟୁତକାଟ ଯୋଗୁ ପନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ଯାହା ଏବେ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ସେହିପରି ଶୋଷ ମେଣ୍ଟାଇବା ପାଇଁ ଲସି, ଜୁସ, ଆଖୁରସ ଆଇସକ୍ରିମ ଦହିବରା ଆଳୁଦମ ତରଭୁଜ ଦୋକାନରେ ଭିଡ଼ ଜମୁଛି।

## ‘କାମାକ୍ଷାନଗର ଜଣେ ନିରଳସ ବ୍ୟକ୍ତିତ୍ୱଙ୍କୁ ହରାଇଲା’

ଭୁବନ,୨୨।୪(ସମିସ): କାମାକ୍ଷାନଗର ଅଞ୍ଚଳର ଲୋକପ୍ରିୟ କଂଗ୍ରେସ ନେତା ଭବାନୀଶଙ୍କର ମହାପାତ୍ର ଆଉ ନାହାନ୍ତି। ମାତ୍ର ୫୦ ବର୍ଷ ବୟସରେ ତାଙ୍କ ପରଲୋକ ହୋଇଛି। ଏ ନେଇ କାମାକ୍ଷାନଗର ସମେତ ଭୁବନ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପ୍ରକାଶ କୁଅଁର, କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଡା. ଶାନ୍ତିଭୂଷଣ ପଣ୍ଡା, କଂଗ୍ରେସ ନେତା ବିପ୍ରବର ସାହୁ, ପୂର୍ବତନ ସରପଞ୍ଚ ରଘୁନାଥ ଷଣ୍ଢ, ଶୁକଦେବ ରାଉତ, ଡମ୍ବରୁଧର ସେଠୀ, ସୁବ୍ରତ ସାହୁ, ବିନୋଦ ମହାରଣା, ମନୋଜ କୁମାର ସାହୁ, ପ୍ରଭୁଦତ୍ତ ଭଟ, ରଞ୍ଜିତ କୁମାର ସାହୁ, ବେଣୁଧର ପାତ୍ର, କଳ୍ପତରୁ ଜେନା, ଅରୁଣ ମହାପାତ୍ର, ସାମ୍ବାଦିକ ସଙ୍ଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ଶୁଭେଚ୍ଛୁ ତାଙ୍କ ଶେଷଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି।

## ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ ପାଇଁ କଳସଯାତ୍ରା

ଢେଙ୍କାନାଳ,୨୨।୪(ସମିସ): ସ୍ଥାନୀୟ ପଦ୍ମବଜାର, ଟାଉନପ୍ଲାନିଂ ଅଫିସ ଛକ ଠାରେ ଥିବା ଶନିଶ୍ଚର ଦେବଙ୍କ ୧୮ତମ ବାର୍ଷିକର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ସ୍ଥାନୀୟ ବଡଯୋରା ଠାରୁ ଘଂଟ ବାଦ୍ୟ ଦ୍ୱାରା ପୁରୁଷ ଓ ମହିଳାମାନେ ପୂଜାର୍ଚ୍ଚନା ପୂର୍ବକ ସହର ପରିକ୍ରମା କରି ମନ୍ଦିରରେ ସ୍ଥାପନ କରିଥିଲେ। ଆସନ୍ତା ଗୁରୁବାର ଗୀତାଯଜ୍ଞ ଅନୁଷ୍ଠିତ ହେବ। ଆସନ୍ତା ୨୪ ତାରିଖ ଶୁକ୍ରବାର



ପୂର୍ଣ୍ଣାହୁତି, ପ୍ରସାଦସେବନ ଓ ସଂଧାରେ ଭଜନ ସମାରୋହ ଅନୁଷ୍ଠିତ ହେବ। ୨୫ ତାରିଖ ଶନିବାର ତୋଟା ଓଷା ଓ ଶନିଶ୍ଚରାୟ ଯଜ୍ଞ ଅନୁଷ୍ଠିତ ହେବ। ଯଜ୍ଞ ପୂଜାକ ଯଜେଞ୍ଜଶ୍ୱର ମିଶ୍ର, ମନ୍ଦିର ପୂଜକ ବିଭୁତି ଭୂଷଣ ଷଣ୍ଢ, କର୍ତ୍ତା ଦିଲ୍ଲୀପ ସାହୁ, କର୍ତ୍ତୀ ପ୍ରତିମା ସାହୁ ସମସ୍ତ ପୂଜାକୁ ସମ୍ପାଦନ କରିବେ। ସଭାପତି ଶେଷଦେବ ସାହୁ, ସଦସ୍ୟ ଲୁଲା ସାହୁ, ବିଚିତ୍ର ସାହୁ, କୈଳାସ ସାହୁ, ସିକେଇ ସାହୁ, ସତ୍ୟାନନ୍ଦ ସାହୁ, ବିଚି ସାହୁ, ବିପି ସାହୁ, ରମେଶ ସାହୁ, ଗଣେଶ୍ୱର ବେହେରା ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି।

## ଜନଗଣନା ଅଧିକାରୀ ପରିଚୟ ଦେଇ ଲୁଟିନେଲେ

ହିନ୍ଦୋଳ,୨୨।୪(ସମିସ): ଜନଗଣନା ଅଧିକାରୀ ପରିଚୟ ଦେଇ ଲୁଟପାଟ କରିବା ଘଟଣା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉଦୁଉଦିଆ ଖରାବେଳେ ଗାଁରେ ଥିବା ଏକ ଘରକୁ ଆସିଥିଲେ ଜଣେ ବ୍ୟକ୍ତି। ନିଜକୁ ଜନଗଣନା ଅଧିକାରୀ ବୋଲି ପରିଚୟ ଦେଇ ପରିବାରର ଜଣେ ମହିଳାଙ୍କୁ ଆଧାର କାର୍ଡ ମାଗିଥିଲେ। ମହିଳା ଆଧାର କାର୍ଡ ଆଣିବାକୁ ଘର ଭିତରକୁ ଯିବା ସମୟରେ ଲୁଟେରା ମଧ୍ୟ ଘର ଭିତରେ ପଶିଥିଲା। ମହିଳା ଜଣଙ୍କ ଏକୁଟିଆ ଥିବାର ସୁଯୋଗ ନେଇ ତାଙ୍କ ଛୋଟ ଝିଅ ବେକରେ ଛୁରୀ ଲଗାଇ ମହିଳାଙ୍କୁ ପିନ୍ଧିଥିବା ଡ୍ରେସ ଖୋଲିବାକୁ କହିଥିଲା ଲୁଟେରା। ମହିଳା ଜଣଙ୍କ ରାଜି ନ



ହେବାରୁ ଲୁଟେରା ଜଣକ ମହିଳା ପିନ୍ଧିଥିବା ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ମାଗିଥିଲା। ମହିଳା ଜଣକ ଭୟଭୀତ ହୋଇ ଲୁଟେରାକୁ ପିନ୍ଧିଥିବା ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ଦେଇଥିଲେ। ପରେ ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ଧରି ଲୁଟେରା ଚମ୍ପଟ ମାରିଥିଲା। ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଗିରିଧରପ୍ରସାଦ ଗାଁରେ ଏହି ଘଟଣା ଘଟିଛି। ଗାଁର ବୀଭସ୍ତ ପଟ୍ଟନାୟକଙ୍କ ଘରକୁ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଏକ କଳା ରଙ୍ଗର ହୋଣ୍ଡା ବାଇକ୍ ଯୋଗେ ଆସି ଲୁଟେରା ଜଣକ ଏଭଳି କାଣ୍ଡ ଭିଆଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଲୁଟେରାକୁ ଧରିବା ପାଇଁ ଛାନଭିନ ଜାରି ରଖିଛି।

**● ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ବିଦାବନ୍ଧକୁ ହରାଇ ଇନ୍ଦିପୁର ଚାମ୍ପିଅନ

ଓଡ଼ାପଡ଼ା,୨୨।୪(ସମିସ): ଓଡ଼ାପଡ଼ା ବ୍ଲକ ଅଙ୍କରାନ୍ତିପୁର ଗ୍ରାମରେ ମା' ଜେନାମଣି କ୍ଲବ ପକ୍ଷରୁ ତୃତୀୟ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଗ୍ରାମର ରୟାଲ ଗ୍ରାଉଣ୍ଡରେ ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବିଦାବନ୍ଧ ଏବଂ ଇନ୍ଦିପୁର ଦଳ ମଧ୍ୟରେ ଖେଳାଯାଇଥିଲା। ଇନ୍ଦିପୁର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସିମିନଇ ସରପଞ୍ଚ ଅଜିତ କୁମାର ସିଂହ, ଗ୍ରାମ ସଭାପତି ଭୋଳେଶ୍ୱର ମହାରଣା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରିୟବ୍ରତ ଗଡ଼ନାୟକ, ଜିଲ୍ଲା ରୋଟାରୀ କ୍ଲବ ସଭାପତି ରାଜକିଶୋର ବେହେରା,



ତପନ ଇଲେକ୍ଟ୍ରୋନିକ୍ସର ମୁଖ୍ୟ ତପନ ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ଲବର ମୁଖ୍ୟ ପରିଚାଳକ ରମାକାନ୍ତ ଜେନା, ରାଜା ଅଜିତ ଜେନା, ଦୀପକ ବେହେରା, ଜ୍ଞାନରଞ୍ଜନ ନାୟକ, ସତ୍ୟରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଲ୍ୟୁଣ୍ଟର ପ୍ରେମ କୁମାର ନାୟକ, ସୁମନ୍ତ ଦେହୁରୀ ଓ କାହ୍ନାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ



ଭୁବନ,୨୨।୪(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାରଙ୍ଗଧର ସ୍ୱାଇଁ (୯୪)ଙ୍କର ବୁଧବାର ଦେହାନ୍ତ ହୋଇଛି। ସେ ଭୁବନ ଉଚ୍ଚ ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ର। ସେହି ବିଦ୍ୟାଳୟରେ ମଧ୍ୟ ଶିକ୍ଷକତା କରିଥିଲେ। ଅବସର ପରେ ୨୦୧୨ରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

**● ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର**

## ୫୫ରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ




ଢେଙ୍କାନାଳ,୨୨।୪(ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ରକ୍ତଦାନ ଶିବିରକୁ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଉଦଘାଟନ କରିଥିବା ବେଳେ ଜିଲ୍ଲା ଉପସଭାପତି ବିରଞ୍ଚି ନାରାୟଣ ପାଣି, ଇଂ ସୌମ୍ୟବ୍ରତ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ଯୁବ ରେଡକ୍ରସ କାଉନସେଲର ଡ. ଜିତେନ୍ଦ୍ର ବେହେରା ଏବଂ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜିକା ଅଧ୍ୟାପିକା ଲୀନା ଗନ୍ତାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୫୫ରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଶିବିରରେ ରକ୍ତଦାନ କରିଥିଲେ। ରକ୍ତଦାତାମାନଙ୍କୁ ଅଧ୍ୟକ୍ଷା ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଚିରନିଦ୍ରାରେ କାମାକ୍ଷାନଗରର ମୁକୁଟବିହୀନ ଯୁବରାଜ

କାମାକ୍ଷାନଗର,୨୨।୪(ସମିସ)



କାମାକ୍ଷାନଗରର ମୁକୁଟବିହୀନ ଯୁବରାଜ ତଥା କଂଗ୍ରେସ ତରଫରୁ ଦୁଇ ଥର ବିଧାୟକ ପ୍ରାର୍ଥୀ ହୋଇଥିବା ଭବାନୀ ଶଙ୍କର ମହାପାତ୍ରଙ୍କ ପରଲୋକ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଛି। ଦୁଇବର୍ଷ ଧରି ସେ ଅସୁସ୍ଥ ଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ନୀରବି ଯାଇଛନ୍ତି। ତାଙ୍କୁ ୫୧ ବର୍ଷ ହୋଇଥିଲା।

ଭବାନୀଶଙ୍କର ହେଉଛନ୍ତି ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର ଓ ପ୍ରେମଲତା ମହାପାତ୍ରଙ୍କ ପୁଅ। ୨୦୧୪ ଓ ୨୦୧୯ ନିର୍ବାଚନରେ ସେ କାମାକ୍ଷାନଗର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ନିଜ ଯୁବସୁଲଭ ବ୍ୟକ୍ତିତ୍ୱ ଓ ସମସ୍ତଙ୍କ ସହିତ ମିଶିବାର ସ୍ୱଭାବ ଯୋଗୁଁ ସେ କାମାକ୍ଷାନଗର ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଭବାନୀଶଙ୍କରଙ୍କ ବିୟୋଗରେ କାମାକ୍ଷାନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀର ଭୁବନେଶ୍ୱରରୁ ଆସି କାମାକ୍ଷାନଗରରେ ପହଞ୍ଚିବା ପୂର୍ବରୁ ଢେଙ୍କାନାଳରେ ବିଭିନ୍ନ ଦଳ ଓ ବ୍ୟକ୍ତିବିଶେଷ ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ରେକୁଲା ନିକଟରୁ ବିଶାଳ ଶୋଭାଯାତ୍ରା କରାଯାଇ ଶବାଧାରକୁ କାମାକ୍ଷାନଗର ସହର ପରିକ୍ରମା କରାଯାଇଥିଲା। ସହରର ଜଗନ୍ନାଥ ବଜାର, ହନୁମାନ ବଜାର, ଏନଏସି କାର୍ଯ୍ୟାଳୟଠାରେ ଅଞ୍ଚଳବାସୀ ନିଜ ପ୍ରିୟ ନେତାଙ୍କ ଶେଷଦର୍ଶନ କରିବା

### ନୀରବିଗଲେ ଭବାନୀଶଙ୍କର

ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସ୍ଥାନୀୟ ଅନନ୍ତପୁରସ୍ଥିତ କଂଗ୍ରେସ ଭବନ ପରିସରରେ ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମ୍ବାଦିକ, ଆଇନଜୀବୀ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସେଠାରୁ ମରଶରୀରକୁ ତାଙ୍କ ନିଜ ଗାଁ ପଳାସପିଠିଆକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ଭବାନୀଶଙ୍କରଙ୍କ ଏକମାତ୍ର ଝିଅ ଆରବି ମହାପାତ୍ର ମୁଖାଗ୍ନି ଦେଇଥିବା ବେଳେ ମରଶରୀର ନିକଟରେ ସ୍ତ୍ରୀ, ଭାଇ, ଆତ୍ମୀୟସ୍ୱଜନ ଓ କାମାକ୍ଷାନଗର ତଥା ଭୁବନ ଅଞ୍ଚଳର ହଜାରହଜାର ଜନସାଧାରଣ ଉପସ୍ଥିତ ରହି ଅଶ୍ରୁଳ ବିଦାୟ ଦେଇଥିଲେ। ଭବାନୀଶଙ୍କ ଦୁଇଥର ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ପରାଜୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲୋକଙ୍କ ସହ ସେ ଖୁବ୍ ନିବିଡ଼ ଥିବାରୁ ତାଙ୍କୁ କାମାକ୍ଷାନଗର ଜନସାଧାରଣ ଶ୍ରଦ୍ଧାରେ ମୁକୁଟବିହୀନ ଯୁବରାଜ ଭାବେ ବିବେଚନା କରନ୍ତି।

